# NATIONAL NEWS BULLETIN (ODIA)

**23 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଷୋଡ଼ଶ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ସମ୍ଭାବ୍ୟ ବାତ୍ୟା 'ଦାନା' ଗଭୀର ଅବପାତ ରୂପ ନେଇ ପୂର୍ବ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ

- ଦିଲ୍ଲୀର ବାୟୁ ଗୁଣବତ୍ତା ଆଜି ପୂର୍ବାହ୍ନରେ ଅତି ଖରାପ ସ୍ତରରେ ପହଞ୍ଚିଛି

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଆଜି ଶିବସେନା, ଏମ୍‌ଏନ୍‌ଏସ୍ ଓ ଏନ୍‌ସିପି ଘୋଷଣା କଲେ ପ୍ରାର୍ଥୀ ତାଲିକା

ଏବଂ

- ଭାରତ ଓ ଜର୍ମାନୀ ମଧ୍ୟରେ ହକି ପ୍ରତିଯୋଗିତା ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ୍ ଜାତୀୟ ଷ୍ଟାଡିୟମ୍ ଠାରେ ଆଉ କିଛି ସମୟ ମଧ୍ୟରେ ଆରମ୍ଭ ହେବ ।

---

## ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ରୁଷର କାଜାନ ଠାରେ ଚାଲିଥିବା ଷୋଡ଼ଶ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ  ଦ୍ୱିପାକ୍ଷିକ ଆଲୋଚନା କରିବେ । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ କାର୍ଜନ ଏକ୍ସପୋ ସେଣ୍ଟରରେ  ପହଞ୍ଚି ସାରିଛନ୍ତି । ତେବେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ନେଇ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିବା ପରିପ୍ରେକ୍ଷୀରେ  ଦୁଇ ନେତାଙ୍କ ମଧ୍ୟରେ ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଗତ ୫ ବର୍ଷ ମଧ୍ୟରେ ଉଭୟ ନେତା ପ୍ରଥମଥର ପାଇଁ ପରସ୍ପର ସହ ଆଲୋଚନା କରିବେ । ବ୍ରିକ୍ସ ଅଧିବେଶନକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ ।

ରୁଷ ଏବଂ ଇରାନ୍ ରାଷ୍ଟ୍ରପତିଙ୍କ ସହ ଶ୍ରୀ ମୋଦୀ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।  ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ରୁଷିଆ-ୟୁକ୍ରେନ୍ ବିବାଦରେ ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ବେଳେ କହିଛନ୍ତି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିୟାନ୍‌ଙ୍କ ସହ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ଉତ୍ତେଜନା ହ୍ରାସ ପାଇଁ ଆଲୋଚନା ଓ କୂଟନୈତିକ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଆଫ୍‌ଗାନିସ୍ତାନବାସୀଙ୍କୁ ମାନବିକ ସହାୟତା ଜାରି ରଖିବା ସହିତ ସେହି

ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇ ନେତା ଗୁରୁତ୍ୱ ପ୍ରଦାନ କରିଥିଲେ । ଇରାନ୍ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଶ୍ରୀ ମୋଦୀ ଆଲୋଚନା କାଳରେ ଦୋହରାଇଥିଲେ । ଜବାହାର ବନ୍ଦର ଏବଂ ଆନ୍ତର୍ଜାତିକ ଉତ୍ତର-ଦକ୍ଷିଣ ପରିବହନ କରିଡ଼ର ସମେତ ଦୁଇ ଦେଶ ମଧ୍ୟରେ ସହଯୋଗର ପ୍ରମୁଖ କ୍ଷେତ୍ର ଉପରେ ଦୁଇ ନେତା ଆଲୋଚନା କରିଥିବା ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି ।

---

## ବାତ୍ୟା

ସମ୍ଭାବ୍ୟ ବାତ୍ୟା 'ଦାନା' ଗଭୀର ଅବପାତରେ ପରିଣତ ହୋଇ ପୂର୍ବ ଓ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ବର୍ତ୍ତମାନ କେନ୍ଦ୍ରୀଭୂତ ହୋଇ ରହିଛି । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ବାତ୍ୟାର ବାହ୍ୟବଳୟ ସ୍ଥଳଭାଗ ସ୍ପର୍ଶ କରିଛି। ଏହା ଆସନ୍ତାକାଲି କିମ୍ବା ଶୁକ୍ରବାର ଦିନ ସକାଳ ସୁଦ୍ଧା ଭିତରକନିକା–ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଅତିପ୍ରବଳ ବର୍ଷା ହେବା ସହିତ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିପାରେ।

ଗତକାଲି ସୃଷ୍ଟ ଅବପାତ ଆଜି ସକାଳ ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ପାରାଦ୍ୱୀପର ଦକ୍ଷିଣ-ପୂର୍ବ ଦିଗରେ ୫୨୦ କିଲୋମିଟର ଦୂରରେ ରହିଛି । ସେହିପରି ପଶ୍ଚିମବଙ୍ଗର ସାଗରଦ୍ୱୀପଠାରୁ ୬୦୦ କିଲୋମିଟର ଦୂରରେ ରହିବା ସହ ଘଣ୍ଟାପ୍ରତି ୧୫ କିଲୋମିଟର ବେଗରେ ଗତି କରିବା ସହ ଓଡ଼ିଶା ଉପକୂଳବର୍ତ୍ତୀ ଆଡ଼କୁ ମୁହାଁଉଛି। ପରେ ଏହା

ଉତ୍ତର ଦିଗରେ ଗତିକରି ଭୀଷଣ ବାତ୍ୟା 'ଦାନା'ର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଭୀଷଣ ପବନ ସହିତ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ଧାମରା ଓ ପାରାଦ୍ୱୀପର କିଛି ଅଞ୍ଚଳରେ ବର୍ଷା ହେଉଛି। ସେହିଭଳି ଆସନ୍ତାକାଲି ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଶୁକ୍ରବାର ଦିନ ମଧ୍ୟ କିଛି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି।

ବାତ୍ୟା ଭିତରକନିକା ଜାତୀୟ ଉଦ୍ୟାନରେ କ୍ଷତି ପହଁଞ୍ଚାଇବାର ସମ୍ଭାବନା ଥିବାରୁ ସେଠାରେ ଫରେଷ୍ଟ କର୍ମଚାରୀଙ୍କୁ ଆଗୁଆ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୁମ୍ଭୀର ଯେପରି ବାହାରକୁ ନ ଆସନ୍ତି ସେ ନେଇ ପଦକ୍ଷେପ ନେବାକୁ କୁହାଯାଇଛି।

ସମ୍ଭାବ୍ୟ ବାତ୍ୟା ପାଇଁ ରାଜ୍ୟର ସମସ୍ତ ବନ୍ଦର ଲାଗି ୪ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ଅପରପକ୍ଷରେ ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୩ ଦିନ ପାଇଁ ୨୨୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ବାତିଲ କରାଯାଇଛି ।

# ମହା ଇଲେକ୍ସନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଆଜି ଶିବସେନା ତା'ର ୪୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ପୁନର୍ବାର କୋପ୍ରି- ପଚ୍‌ପଖଡ଼ି ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦିତା କରିବେ । ସେହିପରି ମନ୍ତ୍ରୀ ଅବଦୁଲ୍ଲ ସତାର୍ ସିଲୋଡ୍ ଆସନରୁ, ସଂଜୟ ରାଠୋଡ ଦିଗ୍‌ରାଜ, ସନ୍ତୋଷ ବାଙ୍ଗର କାଲାମ୍‌ନୁରୀ ଏବଂ ସଂଜୟ ଶ୍ରୀସାତ୍ ଛତ୍ରପତି ପଶ୍ଚିମ ସମ୍ଭାଜିନଗରରୁ ଲଢ଼ିବେ ବୋଲି ଦଳପକ୍ଷରୁ କୁହାଯାଇଛି । ସାଂସଦ ସଂଦୀପନ୍ ଭୁମ୍‌ରେଙ୍କ ପୁଅ ବିଳାସ ଭୁମ୍‌ରେ ପୈଠାନରୁ, ସୁବାସ କାଣ୍ଡେ ନନ୍ଦଗାଓଁରୁ, ପ୍ରତାପ ସର୍‌ନାୟକ ଓଭାଲା-ମାଝିୱାଡ଼ାରୁ ଏବଂ ଦାଦାଜୀ ଭୁଶେ ମାଲେଗାଓଁ ଆଉଟର୍ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବେ ।

ସେହିପରି ରାଜ୍ୟମନ୍ତ୍ରୀ ଉଦୟ ସାମନ୍ତ ରତ୍ନାଗିରିରୁ ଏବଂ ଦୀପକ କେଶାଲକର ସାୱନ୍ତୱାଡ଼ି ଆସନରୁ ନିର୍ବାଚନ ଲଢ଼ିବେ ବୋଲି ଶିବସେନା ପକ୍ଷରୁ ଘୋଷଣା କରାଯାଇଛି ।

ଇତିମଧ୍ୟରେ ମହାରାଷ୍ଟ୍ର ନବନିର୍ମାଣ ସେନା ମଧ୍ୟ ତା'ର ଦ୍ୱିତୀୟ ପର୍ଯ୍ୟାୟରେ ୪୫ ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିଛି । ସେଥିମଧ୍ୟରୁ ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜଠାକରେଙ୍କ ପୁଅ ଅମିତ ଠାକରେ ମହିମ୍ ଆସନରୁ ପ୍ରତିଦ୍ୱନ୍ଦିତା କରିବେ । ସେ ଶିବସେନାର ବିଧାୟକ ଥିବା ସଦା ସର୍ଭଙ୍କରଙ୍କ ସହ ଲଢ଼ିବେ ବୋଲି ଜଣାପଡ଼ିଛି ।

# ଏନ୍‌ସିପି ଲିଷ୍ଟ୍

ଜାତୀୟତାବାଦୀ କଂଗ୍ରେସ ପାର୍ଟି -ଏନ୍‌ସିପି ଆଜି ତା'ର  ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ତାଙ୍କ ବାରାମତୀ ବିଧାନସଭା କ୍ଷେତ୍ରରୁ ପୁନଃ ପ୍ରତିଦ୍ୱନ୍ଦିତା କରିବେ । ସେହିପରି ଛଗନ ଭୂଜବଳ ୟେବେଲା, ଦିଲ୍ଲୀପ ୱାଲ୍‌ସେ ପାଟିଲ ଅମ୍ବେଗାଓଁ, ହାସନ ମୁସ୍ରିଫ୍ କାଗାଲ, ଏବଂ ଧନଞ୍ଜୟ ମୁଣ୍ଡେ ପାର୍ଲିରୁ ଲଢ଼ିବେ । ମହାରାଷ୍ଟ୍ର ବିଧାନସଭାର ଉପବାଚସ୍ପତି ଥିବା ନରହରି ଝିରାୱାଲା ଡିଣ୍ଡୋରୀରୁ ପ୍ରତିଦ୍ୱନ୍ଦିତା କରିବାକୁ ଥିବା ବେଳେ  ଧର୍ମରାଓ ଆତ୍ରମ ଅହେରୀରୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ବୋଲି କୁହାଯାଇଛି ।

# ଦିଲ୍ଲୀ ପଲ୍ୟୁସନ

ଦିଲ୍ଲୀର ବାୟୁ ଗୁଣବତ୍ତା କ୍ରମାଗତ ଭାବେ ଅତିଖରାପ ସ୍ତରରେ ପହଞ୍ଚିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ ଆଜି ପୂର୍ବାହ୍ନ ୧୨ଟା ସୁଦ୍ଧା ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୩୬୭ ରେକର୍ଡ କରାଯାଇଛି । ଆଜି ଦିଲ୍ଲୀବାସୀ ପ୍ରାତଃ ସମୟରେ  ଦିଲ୍ଲୀର ଆକାଶ ଧୂଆଁମୟ ହୋଇଥିବା ଦେଖିବାକୁ ପାଇଛନ୍ତି । ସୂଚନାଯୋଗ୍ୟ, ବାୟୁ ଗୁଣବତ୍ତା ସୂଚକାଙ୍କ ଶୂନ୍‌ରୁ ୫୦କୁ ଉତ୍ତମ ସ୍ତର ଭାବେ ବିବେଚନା କରାଯାଉଥିବା ବେଳେ ୫୧ରୁ ୧୦୦ ସନ୍ତୋଷଜନକ, ୧୦୧ରୁ ୨୦୦ ମଧ୍ୟମଧରଣର, ୨୦୧ରୁ ୩୦୦ ଖରାପ ଏବଂ ୩୦୧ରୁ ୪୦୦କୁ ଅତି ଖରାପ ସ୍ତରର ଏବଂ ୪୦୧ରୁ ୪୫୦କୁ ଅତିଭୀଷଣ ଖରାପ ସ୍ତରର ବୋଲି ବିବେଚନା କରାଯାଇଥାଏ ।

# ପ୍ରବାସୀ ପରିଚୟ

ସାଉଦି ଆରବ ରିଆଦ୍‌ର ଏମ୍ବାସୀ ଅଡିଟୋରିୟମ୍ ଠାରେ ଏମ୍ବାସୀ ଫ୍ଲାଗ୍‌ସିପ୍ ଡାଏସ୍‌ପୁରା ଏନ୍‌ଗେଜ୍‌ମେଣ୍ଟ କାର୍ଯ୍ୟକ୍ରମ **ପ୍ରବାସୀ ପରିଚୟ** ର ୨୦୨୪ ସଂସ୍କରଣକୁ ସାଉଦିଆରବରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଡକ୍ଟର ସୁହେଲ ଅଜାଜ୍ ଖାନ୍ ଆଜି ଉଦ୍‌ଘାଟନ କରିଛନ୍ତି । ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ **ଭାରତର ଶାସ୍ତ୍ରୀୟ ଭାଷା** କାର୍ଯ୍ୟକ୍ରମରୁ ଏହା ଆରମ୍ଭ ହୋଇଛି । ଦେଶର ସମୃଦ୍ଧ ଭାଷାଭିତ୍ତିକ ବିବିଧତାକୁ ବିସ୍ତାରଲାଭ କରିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଏହି ଅବସରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ସ୍ୱାଗତ ସନ୍ଦେଶ ଦେଇଛନ୍ତି ।

ସାଉଦିଆରବରେ ଥିବା ଭାରତୀୟ ସମୁଦାୟ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ୧୧ଟି ଭାରତୀୟ ଭାଷା ତାମିଲ, ତେଲୁଗୁ, ମାଲାୟଲମ୍, କନ୍ନଡ, ମରାଠୀ, ବେଙ୍ଗଲୀ, ଅହମୀୟା, ଓଡ଼ିଆ, ପାଲୀ, ପ୍ରାକୃତି ଏବଂ ସଂସ୍କୃତରେ ଏକ ସ୍ୱତନ୍ତ୍ର ନାଟକ ପରିବେଷଣ କରିଛନ୍ତି । କବିତା, ଗୀତ, କଥୋପକଥନ, ସଙ୍ଗୀତ, ନୃତ୍ୟର ସମନ୍ୱୟରେ ପରିପୂର୍ଣ୍ଣ ଏହି ନାଟକକୁ ଉପସ୍ଥିତ ଦର୍ଶକମାନେ ମନଭରି ଉପଭୋଗ କରିଛନ୍ତି ।
ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣ ଗତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ହୋଇଥିଲା ।

# ହକି ଇଣ୍ଡିଆ ଜର୍ମାନୀ

ଭାରତ ଓ ଜର୍ମାନୀ ମଧ୍ୟରେ ହକି ପ୍ରତିଯୋଗିତା ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ୍ ଜାତୀୟ ଷ୍ଟାଡିୟମ୍ ଠାରେ ଆଜିଠାରୁ ଆରମ୍ଭ ହେବ । ଆଜିର ପ୍ରଥମ ମ୍ୟାଚ୍ କିଛି ସମୟ ଭିତରେ ଖେଳାଯିବ । ୧୦ ବର୍ଷ ପରେ ଆନ୍ତର୍ଜାତିକ ହକି ପ୍ରତିଯୋଗିତା ଭାରତର ନୂଆଦିଲ୍ଲୀ ଠାରେ ଖେଳାଯାଉଛି । ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜ୍‌ର ଦୁଇଟିଯାକ ମ୍ୟାଚ୍ ଖେଳିବ । ଡିଡି ସ୍ପୋର୍ଟସ୍‌ରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ । ଦର୍ଶକଙ୍କୁ ଷ୍ଟାଡିୟମ୍‌ରେ ମ୍ୟାଚ୍ ଦେଖିବା ପାଇଁ କୌଣସି ଟିକଟର ବ୍ୟବସ୍ଥା କରାଯାଇନାହିଁ ।